# NATIONAL NEWS BULLETIN (ODIA)

## 16 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ସାମ୍ବିଧାନିକ ସଂଶୋଧନ ଲାଗି ଆଜିଠାରୁ ଆରମ୍ଭ ହେଉଛି ସଂସଦର ତିନିଦିନିଆ ସ୍ୱତନ୍ତ୍ର ବୈଠକ ।

- ଆସନ୍ତାକାଲିଠାରୁ ଦେଶବ୍ୟାପୀ ଆୟୋଜିତ ହେବ ଦୁଇଦିନିଆ ନାରୀଶକ୍ତି ବନ୍ଦନ ଦୌଡ଼ ।

- ଅଷ୍ଟ୍ରିଆର ଚାନ୍ସଲରଙ୍କ ସହିତ ଦ୍ୱିପକ୍ଷୀୟ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଆଜି ନୂଆଦିଲ୍ଲୀରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶା ସମେତ ଦେଶର ଅନ୍ୟକେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଜିଠାରୁ ଆରମ୍ଭ ହେବ ଜନଗଣନା ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଗତକାଲି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୫ ଓ୍ୱିକେଟ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

-   ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ହେବ ମ୍ୟାଚ୍ ।

# ପାର୍ଲ୍ୟାମେଣ୍ଟ ସେସନ

ସଂସଦର ବର୍ଦ୍ଧିତ ବଜେଟ୍ ଅଧିବେଶନର ତିନିଦିନିଆ ସ୍ୱତନ୍ତ୍ର ବୈଠକ ଆଜିଠାରୁ ଆରମ୍ଭ ହେଉଛି । ମୁଖ୍ୟତଃ ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ସାମ୍ବିଧାନିକ ସଂଶୋଧନ ଉପରେ ଏହି ତିନିଦିନିଆ ଅଧିବେଶନରେ ଆଲୋଚନା କରାଯିବ । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କ ଲାଗି ପ୍ରସ୍ତାବିତ ୩୩ ପ୍ରତିଶତ ଆସନ ସଂରକ୍ଷଣ  କରିବା ଉଦ୍ଦେଶ୍ୟରେ ୨୦୨୩ ମସିହାରେ ଏହି ଅଧିନିୟମ ପାରିତ ହୋଇଥିଲା । ଏହି ଅଧିନିୟମ ସମ୍ପର୍କିତ ୩ଟି ସଂଶୋଧନ ବିଲ୍ ସରକାର ସଂସଦରେ ଆଗତ କରିବେ । ଏହି ବିଲ୍‌ଗୁଡ଼ିକ ହେଲା - ସମ୍ବିଧାନ ୧୩୧ ସଂଶୋଧନ ବିଲ୍ ୨୦୨୬, କେନ୍ଦ୍ରଶାସିତ ଅଞ୍ଚଳ ନିୟମ ସଂଶୋଧନ ବିଲ୍ ୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬ । ସମ୍ବିଧାନ ସଂଶୋଧନ ବିଲ୍ ମାଧ୍ୟମରେ ଦେଶର ସମ୍ବିଧାନକୁ ସଂଶୋଧନ କରିବାର ପ୍ରସ୍ତାବ ରହିଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍ ସରକାରଙ୍କ କେନ୍ଦ୍ରଶାସିତ ଅଞ୍ଚଳ ଆଇନ୍ ୧୯୬୩,

ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀ ସରକାରଙ୍କ ଆଇନ୍ ୧୯୯୧ ଏବଂ ଜାମ୍ମୁ-କାଶ୍ମୀର ପୁର୍ନଗଠନ ଆଇନ୍ ୨୦୧୯ ଅଧୀନରେ ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି । ଆସନ୍ତା ୨୦୨୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଏହି ମହିଳା ସଂରକ୍ଷଣ ଆଇନ୍ କାର୍ଯ୍ୟକାରୀ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏଥିଲାଗି ଉଭୟ ଲୋକସଭା ଓ ରାଜ୍ୟସଭାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଏକତ୍ରିତ ହୋଇ ଏ ସମ୍ପର୍କିତ ସଂଶୋଧନକୁ ପାରିତ କରିବା ଲାଗି ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦର ବିଭିନ୍ନ ଦଳର ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ଏହି ବିଲ୍‌ରେ ପ୍ରତ୍ୟେକ ରାଜ୍ୟ, ଅଞ୍ଚଳ ତଥା ସମ୍ପ୍ରଦାୟର ଆକାଂକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ସନ୍ତୁଳନ ରକ୍ଷା କରାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ।

## ନାରୀ ଶକ୍ତି ବନ୍ଦନ

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା କାଲି ଓ ଶନିବାର ଦେଶବ୍ୟାପି ନାରୀ ଶକ୍ତି ବନ୍ଦନ ଦୌଡ଼ ଆୟୋଜନ କରାଯିବ । ବିକଶିତ ଭାରତ ଦୃଷ୍ଟିକୋଣ ଅନୁଯାୟୀ ମହିଳା ନେତୃତ୍ୱ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକଙ୍କ ଅଂଶଗ୍ରହଣ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ଏହା ଅଂଶସ୍ୱରୂପ ବୋଲି ମନ୍ତ୍ରଣାଳୟ କହିଛି । ମିଳିଥିବା ସୂଚନା ଅନୁଯାୟୀ ନାରୀ ଶକ୍ତି ବନ୍ଦନ ବାର୍ତ୍ତା ବହନ କରି ଏହି ଦୌଡ଼ ଆସନ୍ତାକାଲି ପାଟନା ଓ ଜୟପୁରରେ ଅନୁଷ୍ଠିତ ହେବା ପରେ ଶନିବାର ଦିନ ଦିଲ୍ଲୀ, କଟକ, ମୁମ୍ବାଇ, ଇନ୍ଦୋର ଓ ବେଙ୍ଗାଲୁରୁ ଠାରେ ଆୟୋଜିତ ହେବ । ସମାଜର ଶିକ୍ଷାର୍ଥୀ, ଉଦ୍ୟୋଗୀ, କ୍ରୀଡ଼ାବିତ୍ ଓ ବିଭିନ୍ନ ପେସାଦାର ତଥା ଭିନ୍ନ ଭିନ୍ନ କ୍ଷେତ୍ରରୁ ମହିଳାମାନଙ୍କର ଏଥିରେ ବୃହତ ଆକାରରେ ଅଂଶ ଗ୍ରହଣ କରିବା ଦିଗରେ ଏହି ଦୌଡ଼ ଏକ ପଦକ୍ଷେପ ବୋଲି ମନ୍ତ୍ରଣାଳୟ କହିଛି ।

## ପିଏମ୍-ଅଷ୍ଟ୍ରିଆନ୍ ଚାନ୍ସଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଅଷ୍ଟ୍ରିଆର ଚ୍ୟାନ୍ସେଲର ଡକ୍ଟର ଖ୍ରୀଷ୍ଟିଆନ୍ ଷ୍ଟକରଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ

ପ୍ରସଙ୍ଗରେ ଆଲୋଚନା କରିବେ । ଦ୍ୱିପକ୍ଷୀୟ ସମ୍ପର୍କକୁ ବିଭିନ୍ନ କ୍ଷେତ୍ରରେ ଅଧିକ ସଶକ୍ତ କରାଯିବା ସହିତ ସହଯୋଗକୁ କିଭଳି ବ୍ୟାପକ କରାଯାଇପାରିବ ସେ ସମ୍ପର୍କରେ ଉଭୟ ନେତା ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ଆପୋଷ ସ୍ୱାର୍ଥଜଡିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡିଛି ।

ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଅଷ୍ଟ୍ରେଲିଆର ଚାନ୍ସେଲରଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଏହି ବିସ୍ତୃତ ଆଲୋଚନା ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଏକ ବୃହତ୍ ସହଯୋଗ ସୃଷ୍ଟି କରିବା କରିବା ଦିଗରେ ସହାୟକ ହେବ ।

ଆମ ସମ୍ବାଦଦାତା ଜଣାଇଛନ୍ତି ଚାନ୍ସେଲର ଷ୍ଟକରଙ୍କ ସହିତ ଅଷ୍ଟ୍ରିଆର ଅର୍ଥନୀତି, ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ବ୍ୟାବସାୟିକ ନେତୃବୃନ୍ଦ ଭାରତ ଗସ୍ତରେ ଆସିଛନ୍ତି । ଏହା ହେଉଛି ଅଷ୍ଟ୍ରିଆ ଚାନ୍ସଲରଙ୍କର ପ୍ରଥମ ଭାରତ ତଥା ଏସିଆ ଗସ୍ତ । ୨୦୨୪ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ସଫଳ ଅଷ୍ଟ୍ରିଆ ଗସ୍ତ ପରେ ବର୍ତ୍ତମାନ ଚାନ୍ସଲର ଷ୍ଟକରଙ୍କର ଏହି ଗସ୍ତ ଦ୍ୱାରା ଉଭୟ ଦେଶ ମଧ୍ୟରେ

ଆପୋଷ ସ୍ୱାର୍ଥଜଡିତ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ ହୋଇପାରିବ ବୋଲି ଆଶା କରାଯାଉଛି ।

## ସେନସସ୍ ୨୦୨୭

ଓଡ଼ିଶା ସମେତ ଦେଶର ଅନ୍ୟକେତେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ଆଜିଠାରୁ ଜନଗଣନା ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତୀୟ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଓଡ଼ିଶା, ସିକ୍କିମ୍, ମିଜୋରାମ୍, କର୍ଣ୍ଣାଟକ, ଗୋଆ, ଆଣ୍ଡାମାନ ଓ ନିକୋବର ଦ୍ୱିପପୁଞ୍ଜ, ଲାକ୍ଷାଦ୍ୱୀପ, ନୂଆଦିଲ୍ଲୀ ମହାନଗର ଅଞ୍ଚଳ ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ ଅଞ୍ଚଳରେ ଆଜିଠାରୁ ଏହି ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ ଆରମ୍ଭ ହେବ । ଏହା ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବଧି ମଧ୍ୟରେ ତାଲିମପ୍ରାପ୍ତ ଜନଗଣନାକାରୀ ଘରକୁଘର ବୁଲି ଏ ସମ୍ପର୍କିତ ତଥ୍ୟ ଆଦାୟ କରିବେ ବୋଲି ମନ୍ତ୍ରଣାଳୟ କହିଛି ।

ଏତଦ୍‌ବ୍ୟତୀତ ଦେଶରେ ପ୍ରଥମଥର ଲାଗି କାର୍ଯ୍ୟକାରୀ ହୋଇଥିବା ସ୍ୱ-ପଞ୍ଜିକରଣ ବ୍ୟବସ୍ଥାରେ ଉତ୍ସାହଜନକ ଫଳ ମିଳିଛି । ପ୍ରାୟ ୧୨ଲକ୍ଷ

ପରିବାର ସଫଳତାର ସହ ଅନ୍‌ଲାଇନ୍ ମାଧ୍ୟମରେ ନିଜ ତଥ୍ୟ ଏଥିରେ ଅପ୍‌ଲୋଡ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଗୋୟଲ-ରେକର୍ଡ ଏକ୍ସପୋର୍ଟ

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୮୬୦ ବିଲିୟନ ଆମେରିକୀୟ ଡଲାର ରେକର୍ଡ ପରିମାଣର ରପ୍ତାନୀ କରିଛି ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି ବିଶ୍ୱସ୍ତରରେ ଦେଖାଦେଇଥିବା ଅନିଶ୍ଚିତତା ପରିସ୍ଥିତି ମଧ୍ୟରେ ଭାରତ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହାଦ୍ୱାରା ବିଶ୍ୱସ୍ତରରେ ନିଜର ବ୍ୟାବସାୟିକ କାର୍ଯ୍ୟ ସମ୍ପ୍ରସାରଣ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ସହିତ ଏ ଦିଗରେ ଦେଶର ନିରନ୍ତର ସଫଳ ପ୍ରଚେଷ୍ଟା ପ୍ରତିଫଳିତ ହେଉଛି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଭାରତ ବୃହତ୍ ସୁଯୋଗର ସତ୍ ଉପଯୋଗ କରିବା ସହିତ ବିପଣନ କ୍ଷେତ୍ରରେ ମଧ୍ୟ ଦ୍ରୁତ ସଫଳତା ହାସଲ କରିଛି । ଏହାଦ୍ୱାରା ବିକଶିତ ଭାରତ ଯାତ୍ରା ଅଧିକ

ସଶକ୍ତ ତଥା ସୁଗମ ହୋଇପାରିବ ବୋଲି ଶ୍ରୀ ଗୋଏଲ ମତବ୍ୟକ୍ତ କରିଛନ୍ତି ।

## ୟୁପି- ଟ୍ରେନ୍ ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଟ୍ରେନ୍ ଦୁର୍ଘଟଣାରେ ୫ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । କାର୍ଚ୍ଚନା ଅଞ୍ଚଳର ପାଟ୍‌ଦେଓରା ପ୍ୟାସେଞ୍ଜର ହଲ୍ଟରେ ସଂପୃକ୍ତ ଟ୍ରେନ୍‌ଟି ଅଟକିଥିବାବେଳେ ଯାତ୍ରୀମାନେ ତଳକୁ ଓହ୍ଲାଇଥିଲେ । ସେହି ସମୟରେ ଅପରପକ୍ଷରୁ ଆସୁଥିବା ଅନ୍ୟଏକ ଟ୍ରେନ୍ ଧକ୍କା ଦେବାରୁ ଏଭଳି ଦୁର୍ଘଟଣା ଘଟିଛି । ଖବରପାଇ ପୋଲିସ ଏବଂ ରେଳବିଭାଗ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତକମାନଙ୍କ ବ୍ୟବଚ୍ଛେଦ ଲାଗି ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।

## ଛତିଶଗଡ଼-ଏକ୍ସପ୍ଲୋଜନ୍

ଛତିଶଗଡ଼ରେ ଏକ ପାୱାର ପ୍ଲାଣ୍ଟରେ ହୋଇଥିବା ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ଶକ୍ତି ଜିଲ୍ଲା ଅନ୍ତର୍ଗତ ସିଂଘାତେରାଇ ଗ୍ରାମର ବେଦାନ୍ତ ଲିମିଟେଡ୍ ପାୱାର ପ୍ଲାଣ୍ଟର ବୟଲର ବିସ୍ଫୋରଣ ଘଟିବାରୁ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଆହତ

ହୋଇଥିବା ୧୯ରୁ ଊର୍ଦ୍ଧ୍ୱ ଶ୍ରମିକ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେଥିମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦୁଃଖପ୍ରକାଶ କରିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଗୁଜରାଟ-ଜାଗ୍ ବିକ୍ରମ

ଭାରତୀୟ ଧ୍ୱଜାଧାରୀ ଜାହାଜ ଏମ୍.ଭି. ଜାଗ୍ ବିକ୍ରମ୍ ଏଲ୍.ପି.ଜି. ବହନ କରି ଗତକାଲି ଗୁଜରାଟର କଚ୍ଛ ସ୍ଥିତ ଦିନ୍‌ଦୟାଲ ବନ୍ଦରରେ ପହଞ୍ଚିଛି । ଏହି ଜାହାଜରେ ୨୦ ହଜାର ୪୦୦ ମେଟ୍ରିକ୍ ଟନ୍‌ର ଏଲ୍.ପି.ଜି. ଆସିଥିବା ଜଣାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଓ ଇରାନ୍ ମଧ୍ୟରେ ୧୪ ଦିନିଆ ଅସ୍ତ୍ରବିରତି ଘୋଷଣା ହେବା ପରଠାରୁ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରଥମ ଭାରତୀୟ ଜାହାଜ ଭାବେ ଜାଗ୍ ବିକ୍ରମ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପ୍ରଥମେ ବ୍ୟାଟିଂ କରି ୧୪୬ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଏହା ହେଉଛି ଆଇପିଏଲ୍‌ର ଚଳିତ ସିଜିନ୍‌ରେ ଲକ୍ଷ୍ନୌ ଦଳର ସର୍ବନିମ୍ନ ସ୍କୋର୍ । ଦଳପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୪୦ ରନ୍ କରିଥିବାବେଳେ ବେଙ୍ଗାଲୁରୁ ପକ୍ଷରୁ ରାସିକ ସଲାମ ଦର ୪ଟି ଓ୍ୱିକେଟ୍ ଏବଂ ଭୁବନେଶ୍ୱ କୁମର ୩ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

୧୪୭ ରନ୍ ବିଜୟଲକ୍ଷ୍ୟର ପିଛା କରି ରୟାଲ ଚାଲେଞ୍ଜର୍ସ ୧୫ ଓଭର ଓ ଗୋଟିଏ ବଲ୍‌ରେ ୫ଓ୍ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଓପନର ବିରାଟ କୋହଲି ୪୯ରନ୍ କରିଥିଲେ । ଲକ୍ଷ୍ନୌର ପ୍ରିନ୍ସ ଯାଦବ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜୋସ୍ ହାଜଲଉଡ୍ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ମୁମ୍ବାଇର ୱାଙ୍ଖ୍‌ଡେ ଷ୍ଟାଡିୟମଠାରେ ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

## ଫିଫା-ୱିମେନ୍ ଫୁଟବଲ

ଅଷ୍ଟ୍ରେଲିଆ' ଫିଫା ମହିଳା ସିରିଜ୍ ୨୦୨୬ ଚାମ୍ପିୟନ ହୋଇଛି । ଗତରାତିରେ ନାଇରୋବିରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ' କେନିଆକୁ ୨-୦ରେ ପରାସ୍ତ କରିଛି ।

ତେବେ ଭାରତ ମହିଳା ଫୁଟବଲ ଦଳ ଗତକାଲି ନାଇରୋବିଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ମାଲାୱିକୁ ୩-୨ରେ ପରାସ୍ତ କରିଛି । ଏଥିସହିତ ଭାରତ ଫିଫା ସିରିଜ୍ ୨୦୨୬ର ପ୍ଲେଅଫ୍‌ରେ ତୃତୀୟ ସ୍ଥାନରେ ରହିଛି । ଭାରତ ପକ୍ଷରୁ ଗତକାଲି ଆସ୍ତାମ ଓରାଉଁ, ଆଭେକା ସିଂହ ଏବଂ ପ୍ରିୟଦର୍ଶିନୀ ସେଲାଦୁରାଇ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।